# ବିକଶିତ ଗାଁ ବିକଶିତ ଓଡ଼ିଶା

## ପରିଚୟ

ଗ୍ରାମ ହେଉଛି ଓଡ଼ିଶାର ଆତ୍ମା । ଗ୍ରାମରେ ଭରି ରହିଛି ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ବଣଜଙ୍ଗଲ ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ । କୃଷି, ପରିଶ୍ରମ ଓ ସହଯୋଗ ମାଧ୍ୟମରେ ଗ୍ରାମୀଣ ଜୀବନ ଗଢ଼ି ଉଠେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ।

ଯେତେବେଳେ ଗ୍ରାମର ଉନ୍ନତି, ଶିକ୍ଷା, ସ୍ୱଚ୍ଛତା ଓ ରୋଜଗାରର ବୃଦ୍ଧି ପାଏ, ସେତେବେଳେ ସମଗ୍ର ଓଡ଼ିଶା ଆଗକୁ ବଢ଼େ । ଗ୍ରାମର ସୁଦୃଢ଼ତା ଓ ସମୃଦ୍ଧି ଏକ ବିକଶିତ ଓଡ଼ିଶା ଗଢ଼ିବାର ପ୍ରମୁଖ ଆଧାର ।

ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଜନମଙ୍ଗଳକାରୀ ଯୋଜନା "ବିକଶିତ ଗାଁ ବିକଶିତ ଓଡ଼ିଶା" ଶୁଭାରମ୍ଭ କରିଛନ୍ତି ।

## ଯୋଜନାର ଉଦ୍ଦେଶ୍ୟ

ବିଭିନ୍ନ ବିକାଶମୂଳକ ପ୍ରକଳ୍ପମାନଙ୍କୁ କାର୍ଯ୍ୟକାରୀ କରି ଗ୍ରାମୀଣ ଓଡ଼ିଶାର ଭିତ୍ତିଭୂମିର ତ୍ୱରିତ ଅଭିବୃଦ୍ଧି କରିବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ।

ବିକଶିତ ଗାଁ ହିଁ ବିକଶିତ ଓଡ଼ିଶାର ଭିତ୍ତି । ରାଜ୍ୟର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମାଞ୍ଚଳର ଭୂମିକା ଅନସ୍ୱୀକାର୍ଯ୍ୟ । ସେହିପାଇଁ ଗ୍ରାମାଞ୍ଚଳ ସହିତ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆସିବା ଅତ୍ୟନ୍ତ ଜରୁରୀ ।

ଏହାକୁ ହୃଦୟଙ୍ଗମ କରି ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ

୧. ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି

ଗ୍ରାମାଞ୍ଚଳ ଓଡ଼ିଶାରେ, ବିଶେଷ କରି ଦୁର୍ବଳ ଆଦିବାସୀ ଗୋଷ୍ଠୀ ବସବାସ କରୁଥିବା ପାହାଡ଼ିଆ ଅଞ୍ଚଳଗୁଡ଼ିକୁ ଆଭ୍ୟନ୍ତରୀଣ ଓ ଆନ୍ତଗ୍ରାମ ସଡ଼କ ମାଧ୍ୟମରେ ସଂଯୋଗ କରାଯିବ । ଆବଶ୍ୟକତା ଅନୁଯାୟୀ ସେତୁ, ନଳାପୋଲ, ମାଟି ରାସ୍ତା, ପିଚୁ ରାସ୍ତା, କଂକ୍ରିଟ ରାସ୍ତା ଓ ପେଭର ବ୍ଲକ ରାସ୍ତା ନିର୍ମାଣ କରାଯିବ ।

୨. ସାମୁଦାୟିକ ଭିତ୍ତିଭୂମିର ନିର୍ମାଣ

ଯୋଗାଯୋଗ ବ୍ୟବସ୍ଥା ସହିତ ସହିତ ଗ୍ରାମାଞ୍ଚଳର ଅନ୍ୟାନ୍ୟ ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧେଇବା ପାଇଁ ଘାଟ, ପୋଖରୀ, ନଦୀ କୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ବଜାର ସେଡ୍ ଓ ଡ୍ରେନ୍ ଇତ୍ୟାଦି ନିର୍ମାଣ କରାଯିବ ।

୩. ଧର୍ମାନୁଷ୍ଠାନ ଓ ସାଂସ୍କୃତିକ କେନ୍ଦ୍ରର ଉନ୍ନତି

ସମସ୍ତ ଧର୍ମାନୁଷ୍ଠାନ ଓ ସାଂସ୍କୃତିକ କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ସୁଯୋଗ ଯୋଗାଇଦିଆଯିବ । ଆବଶ୍ୟକ ସ୍ଥଳରେ ଶୌଚାଳୟ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।

୪. ଶିକ୍ଷା ଭିତ୍ତିଭୂମିର ଉନ୍ନତି

ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତି, ନବୀକରଣ ଓ ସଂପ୍ରସାରଣ କରାଯିବ । ଏଥିରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଓ ଆଧୁନିକ ସୁବିଧା ଯୋଗାଇବା ଅନ୍ତର୍ଭୁକ୍ତ ।

୫. କ୍ରୀଡା ଭିତ୍ତିଭୂମିର ବିକାଶ

ଗ୍ରାମାଞ୍ଚଳରେ କ୍ରୀଡା କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ପାଇଁ ନୂତନ କ୍ରୀଡା ଭିତ୍ତିଭୂମି ନିର୍ମାଣ ଓ ବିକାଶ କରାଯିବ ।

୬. କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳର ଉନ୍ନତିକରଣ

ଗ୍ରାମାଞ୍ଚଳର କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ଉନ୍ନତ କରାଯାଇ ପର୍ଯ୍ୟଟନର ବିକାଶ କରାଯିବ ।

୭. ପଠନ ଗୃହ ସ୍ଥାପନ

ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଓ ଅନ୍ୟ ଜନବହୁଳ ଅଞ୍ଚଳରେ ବିଦ୍ୟୁତ ଓ ଇଣ୍ଟରନେଟ ସୁବିଧା ସହିତ ଟେବୁଲ ଓ ଚେୟାର ଥିବା ପଠନ ଗୃହ ସ୍ଥାପନ କରାଯିବ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ନାମମାତ୍ର ଦେୟରେ ଏହି ପଠନ ଗୃହ ବ୍ୟବହାର କରିବାର ସୁବିଧା ଦିଆଯିବ ।

## ନିରୀକ୍ଷଣ ଓ କାର୍ଯ୍ୟାନ୍ୱୟନ

ଏହି ଯୋଜନାରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ପ୍ରକଳ୍ପର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ନିୟମିତ ତଦାରଖ ଓ ପର୍ଯ୍ୟବେକ୍ଷଣ କରାଯିବ । ପାଣ୍ଠି ବିନିଯୋଗ ଓ କାର୍ଯ୍ୟର ଅଗ୍ରଗତି ବାବଦରେ ଜିଲ୍ଲାପାଳ ନିୟମିତ ଭାବେ ସମୀକ୍ଷା କରିବେ ।

## ସମୁଦାୟର ଭୂମିକା

ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ସମସ୍ତ ସ୍ଥାୟୀ ସମ୍ପତ୍ତି ମୁଖ୍ୟତଃ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ । ତେଣୁ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଗୁଣବତ୍ତା ଓ ସୃଷ୍ଟି ହୋଇଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ମୁଖ୍ୟତଃ ଜନସମୁଦାୟ ଉପରେ ନ୍ୟସ୍ତ ରହିବ ।